# ଅମୃତମୟ

ନବ ବିକସିତ ଫୁଲ ଗନ୍ଧ,
ନବ ସରସ କବିତା ଛନ୍ଦ,
ବନ ବିହଗ ମଧୁର ତାନ,
ଶିଶୁ ସରଳ ତରଳ ଗାନ,
ନବ ପ୍ରଫୁଲ୍ଲ କମଳ କାନନ,
ନବ ସୁକୁମାର ଶିଶୁ ଆନନ,
ଅମୃତମୟ ଅମୃତ ରୟ
ଭସାଇ ନେଉଛି ଜୀବନ।

ଧୀର ଚଳିତ ଶୀତଳ ବାତ,
ଚିର ଲଳିତ କୁମୁଦନାଥ,
କ୍ଷୀର-ଧବଳ ଚନ୍ଦ୍ରିକାଜାଲ,
ନୀରଦାନଦକ୍ଷ ଘନମାଳ,
ମୃଦୁ ମଧୁର ଆଲୋକ ଉଷାର,
ନବ ପଲ୍ଲବପତିତ ତୁଷା,
ଅମୃତମୟ ଅମୃତ ରୟ
ମଜାଇ ଦେଉଛି ସଂସାର।

ମିଟି ମିଟି ଜକ ଜକ ତାରା,
ଟପ ଟପ ଜଳଧର ଧାରା,
ତମନାଶନେ ଧାବିତ ଧୃଷ୍ଟି,
ତମମୁକତ ଅବନୀ ହୃଷ୍ଟି,
ଗିରିଗରଭପ୍ରସୂତ ନିର୍ଝର,
ଦୂର ଲମ୍ଫିତ ପ୍ରପାତ ଝର୍ଝର,
ଅମୃତମୟ ଅମୃତ ରୟ
ଜୀବନ କରୁଛି ଜର୍ଜର।

ମୁଁ ତ ଅମୃତ ସାଗର ବିନ୍ଦୁ,
ନଭେ ଉଠିଥିଲି ତେଜି ସିନ୍ଧୁ,
ଖସି ମିଶିଛି ଅମୃତଧାରେ,
ଗତି କରୁଛି ସେ ଅକୂପାରେ,
ପଥେ ଶୁଖିଗଲେ ପାପ ତାପରେ,
ହୋଇ ଶିଶିର ଖସିବି ତା ପରେ,
ଅମୃତମୟ ଅମୃତ ରୟ
ସହିତ ମିଶିବି ସାଗରେ।